
ଢେଙ୍କାନାଳ ଭଗବାନ ବଜାର ପୂଜା ପ୍ରତିଷ୍ଠାନ।


ହାଟରୋଡ୍ ପୂଜା ପ୍ରତିଷ୍ଠାନ।


ରାମେଶ୍ୱରପୁର, ନୂଆବଜାର ପୂଜା ପ୍ରତିଷ୍ଠାନ।

# ସରିଲା ପୂଜା, ଆଜି ମେଲାଣି

ଢେଙ୍କାନାଳ ଅଫିସ, ୧୮।୧୦

- ସୁରକ୍ଷା ଦାୟିତ୍ୱରେ ୨୭ ପ୍ଲାଟୁନ୍ ଫୋର୍ସ
- ରାତି ସାଢ଼େ ୧୧ଟା ସୁଦ୍ଧା ଶେଷ ହେବ ବିସର୍ଜନ
- ଡିଜେ ନିଷେଧ, ମଦ ଦୋକାନ ବନ୍ଦ

ଶେଷ ହୋଇଛି ଢେଙ୍କାନାଳର ଗଣପର୍ବ ଲକ୍ଷ୍ମୀପୂଜା। ବୁଧବାର ମା'ଙ୍କୁ ଦିଆଯିବ ମେଲାଣି। ଭସାଣି ଉତ୍ସବକୁ ନେଇ ସମସ୍ତ ପୂଜା ପ୍ରତିଷ୍ଠାନର ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ମଙ୍ଗଳବାର ଅନ୍ତିମ ସନ୍ଧ୍ୟାରେ ଆଳତି ଦେଖିବାକୁ ଲୋକାରଣ୍ୟ ହୋଇଉଠିଥିଲା ସାରା ସହର।

ମିଳିତ ଭସାଣି ଶୋଭାଯାତ୍ରାରେ ୩୮ ମେଢ଼ ସାମିଲ ହେବେ। ପୂର୍ବାହ୍ନ ୯ଟା ସୁଦ୍ଧା ସମସ୍ତ ମେଢ ପ୍ରତିଷ୍ଠାନ ଛାଡ଼ିବେ। ରାତି ସାଢ଼େ ୧୧ଟା ମଧ୍ୟରେ ବିସର୍ଜନ ପର୍ବ ଶେଷ ହେବ। ପରମ୍ପରା ଅନୁଯାୟୀ ୧ନଂ. ମେଢ଼ ମିନାବଜାର ପ୍ରଥମେ ଯିବ। ଏହା ପଛକୁ ଜବାହରଚୌକ, ଲକ୍ଷ୍ମୀବଜାର ଏବଂ ଅନ୍ୟମାନେ କ୍ରମିକ ସଂଖ୍ୟା ଅନୁଯାୟୀ ଯିବେ। ମେଢ଼ ମଧ୍ୟରେ ସର୍ବନିମ୍ନ ୫୦ ଫୁଟ ବ୍ୟବଧାନ ରହିବ ବୋଲି ମିଳିତ ବଜାର ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଭସାଣି ଶୋଭାଯାତ୍ରାରେ ଶବ୍ଦ ପ୍ରଦୂଷଣକୁ ରୋକିବା ପାଇଁ ଡିଜେ ସାଉଣ୍ଡ ନିଷିଦ୍ଧ କରାଯାଇଛି। ପାରମ୍ପରିକ ବାଦ୍ୟଯନ୍ତ୍ର ସାମିଲ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ୨୪ ଘଣ୍ଟା ପୂର୍ବରୁ ସହରର ସମସ୍ତ ମଦ ଦୋକାନଗୁଡ଼ିକୁ ବନ୍ଦ କରାଯାଇଛି। ଆଇନଶୃଙ୍ଖଳା ସ୍ଥିତି ଏଡ଼ାଇବାକୁ ୨୭ ପ୍ଲାଟୁନ ସଶସ୍ତ୍ର ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ଟ୍ରାଫିକ୍ ପରିଚାଳନାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଥିବାବେଳେ ବିଭିନ୍ନ ବଜାରରେ ସିସିଟିଭି କ୍ୟାମେରା ମଧ୍ୟ ଲଗାଯାଇଛି।

ମେଢ଼ଗୁଡ଼ିକ ନିଜ ଆସ୍ଥାନରୁ ବାହାରି ଗଣେଶ ବଜାର, ରଥଗଡ଼ା, କୈବଲ୍ୟବଜାର ରାଜବାଟୀ, ଦୁର୍ଗାବଜାର, ବସ୍‌ଷ୍ଟାଣ୍ଡ ଟ୍ରାଫିକ ଛକ ଦେଇ ପୂର୍ତ୍ତ ବିଭାଗ ରାସ୍ତାରେ କାଠଶଙ୍ଖ ଆଡ଼କୁ ବିସର୍ଜନ ପାଇଁ ଯିବେ। ଅନ୍ୟ କେତେକ ମେଢ଼ ବସ୍‌ଷ୍ଟାଣ୍ଡ ଟ୍ରାଫିକ ଛକଠାରୁ ବସଷ୍ଟାଣ୍ଡ, ଗୁଡିଆନାଳୀ ଦେଇ କୁଞ୍ଜକାନ୍ତ ପୋଖରୀରେ ବିସର୍ଜନ କରିବା ଲାଗି ନିର୍ଦ୍ଧାରିତ ହୋଇଛି। ସେହିପରି ଆଉ କେତେକ ମେଢ଼ ଗଣେଶ ବଜାରଠାରୁ ରଥଗଡ଼ା ଓ ଦେଉଳସାହି ଦେଇ ଯାଉଁଳିପୋଖରୀ ଏବଂ ଦଣ୍ଡ ପୋଖରୀକୁ ଯିବେ। ଅବଶିଷ୍ଟ ମେଢ଼ଗୁଡ଼ିକ ବାଜିଚୌକ, ରାମେଶ୍ୱରପୁର ଦେଇ ସିମିଳିଆ ପୋଖରୀରେ ବିସର୍ଜନ ହେବେ। ଜୁବିଲିଟାଉନ–୨ ଓ କୈବଲ୍ୟବଜାର ପୂଜା ପ୍ରତିଷ୍ଠାନ ମଧ୍ୟରେ ବିବାଦ ଲାଗିଥିବାରୁ ସମ୍ପୃକ୍ତ ରୁଟ୍‌ରେ ଅଧିକ ପୋଲିସ ମୁତୟନ କରାଯାଇଛି।

ପୂର୍ବାହ୍ନ ୯ଟାରେ ମିନାବଜାରଠାରେ ଜିଲାପାଳ ସରୋଜ ସେଠୀ ନଡ଼ିଆ ଭାଙ୍ଗି ଭସାଣି ଶୋଭାଯାତ୍ରାର ଶୁଭାରମ୍ଭ କରିବେ। ଏସ୍‌ପି ଲାଗୋନୟାଗୀ ଦିବ୍ୟା ଭି.ଙ୍କ ସମେତ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀ, ମିଳିତ ବଜାର ପୂଜା କମିଟି, ଶାନ୍ତି କମିଟି ଏବଂ ମିନାବଜାର ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ରହିବେ। ଭସାଣି ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ପାଇଁ ଜିଲାପାଳ, ଏସ୍‌ପି, ମିଳିତବଜାର ପୂଜା କମିଟି ସଭାପତି ଗୋପାଳ ଚନ୍ଦ୍ର ପାତ୍ର, ଶାନ୍ତି କମିଟି ସଭାପତି ସୁଧାଂଶୁ ଦଳେଇ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

# ଇନ୍ଦିପୁରରେ ମା'ଙ୍କୁ ବିଦାୟ

ଢେଙ୍କାନାଳ ଅଫିସ,୧୮।୧୦

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁରରେ ମଙ୍ଗଳବାର ଲକ୍ଷ୍ମୀପୂଜା ଭସାଣି ଅନୁଷ୍ଠିତ ହୋଇଯାଇଛି। ମଧ୍ୟାହ୍ନରେ ୧୯ଟି ମେଢ଼ ଶୋଭାଯାତ୍ରାରେ ବାହାରିଥିଲା। ଶୋଭାଯାତ୍ରା ଉପରନୂଆସାହି–ଖୁଣ୍ଟଝରି– ନୂଆସାହି ଦେଇ ନଗର ପରିକ୍ରମା କରିଥିଲା। ପରେ ନିର୍ଦ୍ଧାରିତ ଜଳାଶୟରେ ମେଢ଼ଗୁଡ଼ିକ ବିସର୍ଜନ କରାଯାଇଛି। ରାଜପୃଷ୍ଟି, କଂସାରୀ ସାହି, ବଡ଼ଦାଣ୍ଡ ସାହି, ବଉଳ ଛକ, ବସଷ୍ଟାଣ୍ଡ, ତନ୍ତିସାହି, ମଠସାହି, ଚନ୍ଦନ ମଣ୍ଡପ ସାହି, ଘଣାଶାଳ ସାହି, ତେରଘରିଆ, ଶବରସାହି, ଉପର ନୂଆଁସାହି (ଖ) ଓ (ଗ), ଗୋଲ୍‌ଡେନଷ୍ଟାର, ବରଷଘରିଆ, କଲେଜ ଛକ, ହରିଜନ ସାହି, ଜୁଆଙ୍ଗସାହି, ଲୁଣି ଆଦି ପୂଜା ପ୍ରତିଷ୍ଠାନ ସାମୂହିକ ବିସର୍ଜନରେ ସାମିଲ ହୋଇଥିଲେ। ପୋଲିସ ଏବଂ ସ୍ଥାନୀୟ ଅଞ୍ଚଳବାସୀ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।


ଇନ୍ଦିପୁରରେ ଲକ୍ଷ୍ମୀପୂଜା ଭସାଣି ଉତ୍ସବରେ ସାମିଲ ହୋଇଥିବା ଏକ ମେଢ଼।

## ଶିକ୍ଷାଦାନ ଦକ୍ଷତା ବୃଦ୍ଧିକୁ ଗୁରୁତ୍ୱ

ଭୁବନ, ୧୮।୧୦(ଡି.ଏନ୍.ଏ.): ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ଶିକ୍ଷାଦାନ କ୍ଷେତ୍ରକୁ ପ୍ରଶସ୍ତ କରିବା ଉଦ୍ଦେଶ୍ୟରେ ଭୁବନ ସରକାରୀ ହାଇସ୍କୁଲ ପରିସରରେ ଶିକ୍ଷା ଅଭିବୃଦ୍ଧି ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସସ୍ମିତା ସାହୁ, ଗୋଷ୍ଠୀ ଶିକ୍ଷାଧିକାରୀ ରୁଦ୍ରନାରାୟଣ ସାମଲ ଯୋଗଦେଇ ଗୁଣାତ୍ମକ ଶିକ୍ଷାର ଅଭିବୃଦ୍ଧି ଏବଂ ଶିକ୍ଷକଙ୍କ ଦକ୍ଷତା ବିକାଶ ଉପରେ ମାର୍ଗଦର୍ଶନ କରିଥିଲେ। ବ୍ଲକ ନୋଡାଲ ଅଫିସର ତଥା ଯମୁନାକୋଟ ହାଇସ୍କୁଲ ପ୍ରଧାନ ଶିକ୍ଷକ ଖଗେଶ୍ୱର ବେହେରାଙ୍କ ତତ୍ତ୍ୱାବଧାନରେ ସାଧନକର୍ମୀ କାମାକ୍ଷା ପ୍ରସାଦ ସାହୁ, ଅବସରପ୍ରାପ୍ତ ଶିକ୍ଷକ ବନମାଳୀ ସାହୁ, କଳା ଶିକ୍ଷକ ପ୍ରଫୁଲ୍ଲ ବାରିକ ଶିକ୍ଷାଭିତ୍ତିକ ବିଭିନ୍ନ ସମସ୍ୟାର ସମାଧାନର ଉପାୟ ବତାଇଥିଲେ। କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ହାଇସ୍କୁଲର ୫୩ କଳା ଶିକ୍ଷୟିତ୍ରୀ ଓ ଶିକ୍ଷକ ଯୋଗଦେଇଥିଲେ। ଜିଲା ଶିକ୍ଷାଧିକାରୀ ନିବେଦିତା ପାଣିଙ୍କ ନିର୍ଦ୍ଦେଶ ଅନୁଯାୟୀ ଜିଲାର ବିଭିନ୍ନ ବ୍ଲକରେ ପ୍ରତିମାସର ୨ୟ ଓ ୪ର୍ଥ ଶନିବାର ଏଭଳି ଶିବିର ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଛି।

## ହିମାଦ୍ରୀ, ସମ୍ବିତ୍‌ଙ୍କୁ ସମ୍ବର୍ଦ୍ଧନା

ସାତମାଇଲ, ୧୮।୧୦(ଡି.ଏନ୍.ଏ.): ଓସିଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ହିନ୍ଦୋଳ ବ୍ଲକର ଗୌରବ ବଢ଼ାଇଥିବା କୁକୁଟା ଗ୍ରାମର ହିମାଦ୍ରୀ ତନୟା ସାହୁ ଏବଂ ଦୁଦୁରକୋଟ ଗ୍ରାମର ସମ୍ବିତ୍ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଖଜୁରିଆକଟା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଖଜୁରିଆକଟା ଉଚ୍ଚ ବିଦ୍ୟାଳୟ, ହିନ୍ଦୋଳ ମହାବିଦ୍ୟାଳୟ ଏବଂ ଓକେସିଏଲ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର ପକ୍ଷରୁ ସେମାନଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଦୁହିଁଙ୍କୁ ଏକ ବିରାଟ ପଟୁଆରରେ ନଗର ପରିକ୍ରମା କରାଯାଇଥିଲା। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପ୍ରଧାନ ଆଚାର୍ଯ୍ୟ ଦୟାନିଧି ଦାସ, ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ କୁକୁଟାରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା। ବରିଷ୍ଠ ନାଗରିକଙ୍କ ଗହଣରେ ହିମାଦ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଛି। ସାମାଜିକ କର୍ମୀ ପ୍ରଶାନ୍ତ ଜେନାମଣି ଧନ୍ୟବାଦ ଅର୍ପଣ କରିଥିଲେ।

# ଗଜଲକ୍ଷ୍ମୀଙ୍କ ଆଞ୍ଚାଲଡୁ ନିଲାମ



ତାଳଚେର, ୧୮।୧୦(ନି.ପ୍ର.)

ତାଳଚେର ବ୍ଲକ ସାଉଥ୍‌ବଲଣ୍ଡାସ୍ଥିତ ଜଗନ୍ନାଥ କଲୋନୀ ମାର୍କେଟ ବଣିକ ସଂଘ ପକ୍ଷରୁ ମା'ଗଜଲକ୍ଷ୍ମୀଙ୍କ ପୂଜା ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ଶୁକ୍ରବାର ମା'ଙ୍କ ଭସାଣି ଉତ୍ସବ ସମ୍ପନ୍ନ ହେଇଥିବାବେଳେ ଆଞ୍ଚାଲଡୁ ଓ ସୁବର୍ଣ୍ଣ ଲକେଟ୍ ନିଲାମ କରାଯାଇଛି। ହୋଟେଲ ମାଲିକ ପ୍ରଫୁଲ୍ଲ ସାହୁ ୩୨,୦୦୦ ଟଙ୍କାରେ ଏହାକୁ ନିଲାମ ନେଇଥିଲେ। ତାଙ୍କୁ ଜଗନ୍ନାଥ ମାର୍କେଟ ବଣିକ ସଂଘ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅନୁଷ୍ଠାନ ସଭାପତି ଚିତ୍ତରଞ୍ଜନ ପ୍ରଧାନ, ସମ୍ପାଦକ କମଳଲୋଚନ ମହାରଣା, ମୁଖ୍ୟ ପରାମର୍ଶଦାତା ତ୍ରୈଲୋକ୍ୟ ଦେହୁରୀ, ରାଜକିଶୋର ସାହୁ, ଅନିଲ ଦାସ, ସନତ ସାହୁ, ହରିଶ୍ ଚନ୍ଦ୍ର ପ୍ରଧାନ, ମୋହନ ସୂତାର, ଅକ୍ଷୟ ସାମଲ, ପ୍ରଶାନ୍ତ ବିଶ୍ୱାଳ, ରମଣ ପ୍ରଧାନ, ଅଜିତ ସାହୁ, ମଧୁସୂଦନ ଓଝା, ସନ୍ତୋଷ ସାହୁ, ବାଇଧର ପ୍ରଧାନ, ତ୍ରିଲୋଚନ ସାହୁ, ପ୍ରଦ୍ୟୁମ୍ନ ପ୍ରଧାନ, ଜିତେନ୍ଦ୍ର ସାହୁ ସକ୍ରିୟ ସହଯୋଗ କରିଥିଲେ।

# ଶୃଙ୍ଖଳିତ ଭସାଣି ପାଇଁ ନିବେଦନ

ଢେଙ୍କାନାଳ ଅଫିସ,୧୮।୧୦

ଢେଙ୍କାନାଳ ଲକ୍ଷ୍ମୀପୂଜାର ଅନ୍ତିମ ଦିବସରେ ମଙ୍ଗଳବାର ବିଧାୟକ ସୁଧୀର କୁମାର ସାମଲ ସମର୍ଥକଙ୍କ ସହ ବିଭିନ୍ନ ପୂଜା ମଣ୍ଡପରେ ମା'ଙ୍କୁ ଦର୍ଶନ କରିଛନ୍ତି। ବୁଧବାର ଭସାଣି ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ପାଇଁ ସେ ସମସ୍ତଙ୍କୁ ନିବେଦନ କରିଛନ୍ତି। ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ପୌର ଉପାଧ୍ୟକ୍ଷ ପ୍ରକାଶ କୁଅଁର, ଜିଲା ବିଜେଡି ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର, ଜିଲା ମହିଳା ବିଜେଡି ସଭାନେତ୍ରୀ ସାଗରିକା ମିଶ୍ର, ମିଳିତବଜାର ପୂଜା କମିଟି ସଭାପତି ଗୋପାଳ ଚନ୍ଦ୍ର ପାତ୍ର, ଶାନ୍ତି କମିଟି ସଭାପତି ସୁଧାଂଶୁ କୁମାର ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ମିନାବଜାର ମଣ୍ଡପରେ କମିଟି ସଭାପତି ରବିନାରାୟଣ ମହାନ୍ତି, କାର୍ଯ୍ୟକାରୀ ସଭାପତି ନିରୋଦ ସାହୁ, ସମ୍ପାଦକ ପୀତବାସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ରବିବାର ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ସମର୍ଥକଙ୍କ ସହ ଲକ୍ଷ୍ମୀପୂଜା ବୁଲି ଦେଖିଥିଲେ। ପଦ୍ମବଜାରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସେ ଯୋଗଦେଇଥିଲେ। ଢେଙ୍କାନାଳ ଲକ୍ଷ୍ମୀପୂଜା ଭାରି ବିୟୁଟିଫୁଲ ବୋଲି ସେ କହିଥିଲେ। ମଣ୍ଡପ ବୁଲିବା ସମୟରେ ବହୁ ଯୁବପିଢ଼ି ତାଙ୍କ ସହ ସେଲ୍‌ଫି ଉଠାଇବାକୁ ଭିଡ଼ ଜମାଇଥିଲେ।



ବିଧାୟକ ସୁର ରାଉତରାୟଙ୍କ ସହିତ ଯୁବଗୋଷ୍ଠୀଙ୍କ ସେଲ୍‌ଫି (ବାମ)। ମିନାବଜାର ପୂଜା ପ୍ରତିଷ୍ଠାନରେ ବିଧାୟକ ସୁଧୀର କୁମାର ସାମଲ।

# ଶେଷ ସନ୍ଧ୍ୟାରେ ସଙ୍ଗୀତର ମୂର୍ଚ୍ଛନା

- ରୋମାଞ୍ଚ ଭରିଲେ ଶ୍ରୀକାକୁଲମ୍ ବ୍ୟାଣ୍ଡ୍ ଦଳ
- କିମିଆ କଲେ ସିଂଘମ୍ ଗ୍ରୁପ୍‌ର କଳାକାର

ଢେଙ୍କାନାଳ ଅଫିସ, ୧୮।୧୦

ସରିଛି ୧୧ ଦିନାତ୍ମକ ଗଣପର୍ବ ଲକ୍ଷ୍ମୀପୂଜା। ବୁଧବାର ବର୍ଣ୍ଣାଢ଼୍ୟ ପରିବେଶରେ ବିଦାୟ ନେବେ ମା'। ଏଥିପୂର୍ବରୁ ଅନ୍ତିମ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ନୃତ୍ୟସଙ୍ଗୀତରେ ପ୍ରକମ୍ପିତ ହୋଇଉଠିଥିଲା ଢେଙ୍କାନାଳ ସହର। ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ୍‌ରୁ ଆସିଥିବା ବ୍ୟାଣ୍ଡ୍ ଦଳର ସଙ୍ଗୀତର ମୂର୍ଚ୍ଛନା ଦର୍ଶକଙ୍କ ମନରେ ରୋମାଞ୍ଚ ଭରିଥିବାବେଳେ ମନମୋହିଥିଲା କଟକ ସିଂଘମ୍ ଗ୍ରୁପ୍‌ର କଳାକାରଙ୍କ ମନଲୋଭା ନୃତ୍ୟ।

ମିନାବଜାର ପୂଜା ପ୍ରତିଷ୍ଠାନରେ ଶ୍ରୀକାକୁଲମ୍ ବ୍ୟାଣ୍ଡ୍ ଦଳ ଦେଖାଇଥିଲେ ସଙ୍ଗୀତର ଯାଦୁ। କଳାକାରଙ୍କ ଯନ୍ତ୍ର ସଙ୍ଗୀତ ସୃଷ୍ଟି କରିଥିଲା ମନୋମୁଗ୍ଧକର ପରିବେଶ। ଖୋକାଭାଇଙ୍କ କାଳଜୟୀ ସଙ୍ଗୀତ 'ଯାଯାବର ମନମୋର' ସମେତ ଅଭୁଲା ଛାପ ଛାଡ଼ିଥିବା ଏକାଧିକ ହିନ୍ଦୀ ଗୀତ ଧୁନ୍‌ରେ ଗୁଞ୍ଜରିତ ହୋଇଉଠିଥିଲା ପରିବେଶ।

ସେହିପରି ଲକ୍ଷ୍ମୀବଜାର ପୂଜା ପ୍ରତିଷ୍ଠାନରେ କଟକର ସିଂଘମ୍ ଗ୍ରୁପର କଳାକାର ଦଳ ନୃତ୍ୟ ପରିବେଷଣ କରିଥିଲେ। ଗୁଡିଆନାଳୀ ପୂଜା ପ୍ରତିଷ୍ଠାନରେ ଆନ୍ଧ୍ରପ୍ରଦେଶର ନାଇଡୁ ଗ୍ରୁପ୍ ଦ୍ୱାରା ବାଦ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ଅନ୍ୟ ପୂଜା ପ୍ରତିଷ୍ଠାନରେ ବ୍ରହ୍ମପୁର, ଯାଜପୁର, ସାଲେପୁର ଅଞ୍ଚଳର ବ୍ୟାଣ୍ଡପାର୍ଟି ଦଳ, କଳାକାର ଦର୍ଶକଙ୍କ ଭରପୂର ମନୋରଞ୍ଜନ କରିଥିଲେ।

ଚଳିତବର୍ଷ ଲକ୍ଷ୍ମୀବଜାର ପୂଜା ପ୍ରତିଷ୍ଠାନ ପ୍ଲାଟିନମ୍ ଜୁବିଲି, କାଳିକାନଗର ପୂଜା ପ୍ରତିଷ୍ଠାନ ସୁବର୍ଣ୍ଣ ଜୟନ୍ତୀ, ଅରବିନ୍ଦ ବଜାର ମହିଷାପାଟ ରୌପ୍ୟଜୟନ୍ତୀ ଉତ୍ସବ ଧୁମ୍‌ଧାମରେ ପାଳନ କରିଛନ୍ତି। ସେହିପରି ପୂଜା ପ୍ରତିଷ୍ଠାନଗୁଡ଼ିକ ମଧ୍ୟରେ ବିବାଦ ସହର ପରିବେଶକୁ ଅଶାନ୍ତ କରିଦେଇଥିଲା। ପୃଥକ୍ ପୂଜାକୁ ନେଇ କଲେଜ ବଜାର ଏବଂ ଅନ୍ୟ ଏକ ପୂଜା ମଣ୍ଡପ ମୁହାଁମୁହିଁ ହୋଇଥିଲେ। ସେହିପରି ବେଆଇନ ପାର୍କିଂ ଓ ଚାନ୍ଦା ଆଦାୟକୁ ନେଇ ଜୁବିଲିଟାଉନ–୨ ଏବଂ କୈବଲ୍ୟବଜାର ପ୍ରତିଷ୍ଠାନ ମଧ୍ୟରେ ବିବାଦ ତେଜିଥିଲା। ଏଭଳି କେତେକ ବିବାଦକୁ ବାଦ୍‌ଦେଲେ ଚଳିତବର୍ଷ ଜାକଜମକରେ ପୂଜା ଅନୁଷ୍ଠିତ ହୋଇଛି।



ମିନାବଜାର ପୂଜା ପ୍ରତିଷ୍ଠାନରେ ଶ୍ରୀକାକୁଲମ୍‌ରୁ ଆସିଥିବା କଳାକାର ଦଳର ସଙ୍ଗୀତ ପରିବେଷଣ।


ଲକ୍ଷ୍ମୀବଜାରଠାରେ ସିଂଘମ୍ ଡ୍ୟାନ୍ସ ଗ୍ରୁପ୍‌ର କଳାକାରଙ୍କ ନୃତ୍ୟ ପରିବେଷଣ।

## ହାତୀ ଆକ୍ରମଣରେ ଜଣେ ଆହତ

**ମାଧପୁର:** ଆଠମଲ୍ଲିକ ବନଖଣ୍ଡ ମାଧପୁର ବନାଞ୍ଚଳ ଟୁସର ପଞ୍ଚାୟତ ଟସରବେଡା ଗ୍ରାମର ମିଲୁ ବେହେରା ମଙ୍ଗଳବାର ହାତୀ ଆକ୍ରମଣରେ ଆହତ ହୋଇଛନ୍ତି। ମିଲୁ ଶୌଚ ହେବା ପାଇଁ ଗ୍ରାମ ପୋଖରୀକୁ ଯାଇଥିବା ସମୟରେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ବନବିଭାଗ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ବୌଦ୍ଧ ଜିଲା ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ସେଠାରେ ତାଙ୍କର ଚିକିତ୍ସା ଜାରି ରହିଛି।


ଅନୁଗୋଳ ଆନନ୍ଦ ବଜାର ପୂଜା କମିଟି ମେଢ଼।


କଲେଜ ଛକ ପୂଜା କମିଟି।


ହୁଲୁରିସିଂହା ଲକ୍ଷ୍ମୀ ନାରାୟଣ ପୂଜା କମିଟି।


କାଞ୍ଚନ ବଜାର ପୂଜା କମିଟି।


ମଦନ ମୋହନପଡ଼ା ପୂଜା କମିଟି।


ଦଶହରା ପଡ଼ିଆଠାରେ ପଡ଼ିଥିବା ଦୋଳି।

# ସମସ୍ୟାରେ ପକାଇଲା ସମୟ

**ଅନୁଗୋଳ ଅଫିସ, ୧୮।୧୦**

- ରାତି ୧୧ଟା ଯାଏ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଥିଲା ଅନୁମତି
- ନିର୍ଦ୍ଧାରିତ ସମୟର ଏକ ଘଣ୍ଟା ଆଗରୁ ରୋକିଲା ପ୍ରଶାସନ
- ବିଭିନ୍ନ ପୂଜା କମିଟି, ଦର୍ଶକଙ୍କ ମଧ୍ୟରେ ଅସନ୍ତୋଷ

ମହା ଆଡ଼ମ୍ବରରେ ମା' ଲକ୍ଷ୍ମୀଙ୍କ ପୂଜା ହେବ। ରାତି ୧୧ଟା ଯାଏ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିବ। ପୂଜା ପୂର୍ବରୁ ଅନୁଗୋଳ କେନ୍ଦ୍ରୀୟ ଲକ୍ଷ୍ମୀ ପୂଜା କମିଟି ସହ ପ୍ରଶାସନର ବୈଠକରେ ଏପରି ଆଲୋଚନା ହୋଇଥିଲା। ତଦନୁଯାୟୀ ପୂଜା କମିଟିଗୁଡ଼ିକ ପକ୍ଷରୁ ପ୍ରସ୍ତୁତି କରାଯାଇଥିଲା। ହେଲେ ନିର୍ଦ୍ଧାରିତ ସମୟର ୧ ଘଣ୍ଟା ଆଗରୁ ପୋଲିସ ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ କରିବାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ବିଭିନ୍ନ ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତା। ପୋଲିସର ଏପରି କାର୍ଯ୍ୟକୁ ଦର୍ଶକମାନେ ମଧ୍ୟ ତୀବ୍ର ବିରୋଧ କରିଛନ୍ତି। ସମୟକୁ ନେଇ ସମସ୍ୟା ସୃଷ୍ଟି କରାଯିବାକୁ ସେମାନେ ନାପସନ୍ଦ କରିଛନ୍ତି। ତେବେ ଅନେକଆଡୁ ସମାଲୋଚନାର ଶରବ୍ୟ ହେବା ପରେ ପ୍ରଶାସନ କଟକଣାକୁ କୋହଳ କରିଥିଲେ ବି ଏହାକୁ ନେଇ ସହରବାସୀ ସନ୍ତୁଷ୍ଟ ହୋଇପାରିନାହାନ୍ତି।

ପ୍ରକାଶ ଯେ, ଚଳିତବର୍ଷ ଅନୁଗୋଳ ସହରରେ ମୋଟ୍ ୨୯ଟି ସ୍ଥାନରେ ମା' ଲକ୍ଷ୍ମୀଙ୍କ ପୂଜା ପାଳନ ହେଉଛି। କରୋନା ପାଇଁ ଗତ ୨ ବର୍ଷର ପୂଜା ଫିକା ପଡ଼ିଥିବାରୁ ଚଳିତବର୍ଷ ଏହାକୁ ନେଇ ଉତ୍ସାହିତ ପୂଜା କମିଟି କର୍ମକର୍ତ୍ତାମାନେ ବହୁ ଲକ୍ଷ ଟଙ୍କା ବ୍ୟୟ କରିଛନ୍ତି। ମେଢ଼, ତୋରଣ ସାଜସଜ୍ଜା ଓ ଆଲୋକମାଳା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ଅଧିକ ଖର୍ଚ୍ଚ କରିଛନ୍ତି। ଓଲିଉଡ୍‌ର ଦାମୀ ଗାୟକ, କଳାକାରଙ୍କୁ ଡକାଇ ସହରରେ ଚିତ୍ତାକର୍ଷକ ମେଲୋଡି ନାଇଟ୍ ଆୟୋଜନ କରୁଛନ୍ତି। ପାଣିପାଗ ଅନୁକୂଳ ଥିବାରୁ ଦୈନିକ ସହରରେ ବହୁ ସହସ୍ର ଲୋକଙ୍କ ଭିଡ଼ ହେଉଛି। ବିଶେଷକରି ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଆଗ୍ରହ ବଢ଼ୁଛି। ହେଲେ କାର୍ଯ୍ୟକ୍ରମ ଜମି ଆସୁଥିବା ବେଳେ ପୋଲିସ ପହଞ୍ଚି ରାତି ୧୦ଟାରୁ ତାହାକୁ ଜବରଦସ୍ତ ବନ୍ଦ କରାଇବା ଅସନ୍ତୋଷର କାରଣ ହୋଇଛି। ରାତି ୧୧ଟା ଯାଏ ସଙ୍ଗୀତ, କଳା ପରିବେଷଣ ପାଇଁ ଗାୟକ ଓ କଳାକାରଙ୍କ ସହ ଚୁକ୍ତି ହୋଇଥିବା ବେଳେ ପୋଲିସ ଏଥିରେ ବାଧକ ସାଜିବା ଦର୍ଶକଙ୍କୁ ମାନସିକ ଭାବେ ଆଘାତ ଦେଇଥିବା ଆଲୋଚନା ହେଉଛି।

### ଘଣ୍ଟାଏ ପୂର୍ବରୁ କଟକଣା ଦୁର୍ଭାଗ୍ୟଜନକ



"୨ ବର୍ଷ ପରେ ଧୁମ୍‌ଧାମରେ ଲକ୍ଷ୍ମୀ ପୂଜା ଆୟୋଜନ କରାଯାଇଥିଲା। ସେଥିପାଇଁ ଚଳିତବର୍ଷ ପୂଜାରେ ପ୍ରବଳ ଲୋକଙ୍କ ସମାଗମ ଦେଖିବାକୁ ମିଳିଥିଲା। ହେଲେ ପ୍ରଶାସନ ପକ୍ଷରୁ ଆଲୋଚନା ଅନୁଯାୟୀ ସହଯୋଗ ମିଳିଲା ନାହିଁ। ଘଣ୍ଟାଏ ପୂର୍ବରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ କଟକଣା ଲଗାଯିବା ଦୁର୍ଭାଗ୍ୟଜନକ।

-ଶଙ୍କର ସେଠୀ, ସଭାପତି, ଅମଲାପଡ଼ା ମା' ଲକ୍ଷ୍ମୀପୂଜା କମିଟି

### ଆଲୋଚନାର ବିପରୀତ କାର୍ଯ୍ୟ କରାଗଲା



"ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ନିରାଶ କରିଛି। ଏହି କାରଣରୁ ପୂଜାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ସେପରି ମନ ମୋହିପାରୁ ନାହିଁ। ସେଣ୍ଟ୍ରାଲ ପୂଜା କମିଟି ବୈଠକରେ ଯାହା ଆଲୋଚନା ହୋଇଥିଲା, ତାହାର ବିପରୀତ କାର୍ଯ୍ୟ କରାଗଲା। ଫଳରେ ସାଂସ୍କୃତିକ କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହେଲା।

-ଦିଲୀପ ପ୍ରଧାନ, ସଭାପତି, ହୁଲୁରିସିଂହା ଲକ୍ଷ୍ମୀ ପୂଜା କମିଟି

### ଭଲ ଜନସମାଗମ ହେଲା



"୨ ବର୍ଷ ପରେ ବଡ଼ ଆଡ଼ମ୍ବରରେ ପୂଜା ହେଉଥିବାରୁ ସମସ୍ତଙ୍କ ଭିତରେ ଭରପୂର ଉତ୍ସାହ ଥିଲା। ସେଥିପାଇଁ ସହରରେ ଜନ ସମାଗମ ଭଲ ହୋଇଥିଲା। ସମସ୍ତେ ପୂଜାକୁ ଉପଭୋଗ କଲେ। ପୂଜା ଆଗାମୀ ଦିନରେ କିପରି ଆହୁରି ଭଲ ହେବ ସେ ନେଇ ଦୃଷ୍ଟି ଦିଆଯିବ।

-ପ୍ରତାପ ମାଝି, ଉପଦେଷ୍ଟା, ସଞ୍ଜୀବନୀ ମାର୍କେଟ ପୂଜା କମିଟି

### ବିଳମ୍ବରେ ସମସ୍ୟାର ସମାଧାନ ହେଲା



"ଚଳିତବର୍ଷ ପୂଜାକୁ ନେଇ ସମସ୍ତଙ୍କ ମନରେ ଉତ୍ସାହ ସୃଷ୍ଟି ହୋଇଥିଲା। କିନ୍ତୁ ସାଂସ୍କୃତିକ କାର୍ଯ୍ୟକ୍ରମ ସମୟ ନିର୍ଦ୍ଧାରଣକୁ ନେଇ ସମସ୍ୟା ଦେଖାଦେଇଥିଲା। ବିଳମ୍ବରେ ଏହାର ସମାଧାନ ହୋଇଛି।

-ଅକ୍ଷୟ କୁମାର ଦାସ, କୋଷାଧକ୍ଷ, ସେଣ୍ଟ୍ରାଲ ପୂଜା କମିଟି

## ଆଜି ଭସାଣି ଶୋଭାଯାତ୍ରା

ଅନୁଗୋଳ ଲକ୍ଷ୍ମୀ ପୂଜାର ଭସାଣି ପର୍ବ ବୁଧବାର ଅନୁଷ୍ଠିତ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଅପରାହ୍ନ ୩ଟାରୁ ମେଢ଼ଗୁଡ଼ିକ ଶୋଭାଯାତ୍ରାରେ ସହର ପରିକ୍ରମା ଆରମ୍ଭ କରିବେ। କେନ୍ଦ୍ରୀୟ ପୂଜା କମିଟି ପକ୍ଷରୁ ଲଟେରି କରାଯିବା ପରେ ଶୋଭାଯାତ୍ରାରେ ସାମିଲ ହୋଇଥିବା ୧୧ ମେଢ଼ ନମ୍ବର ଅନୁଯାୟୀ ଆଗକୁ ବଢ଼ିବେ। ବିଭିନ୍ନ ପୂଜା କମିଟି ପକ୍ଷରୁ ଶୋଭାଯାତ୍ରାକୁ ଅଧିକ ଚିତ୍ତାକର୍ଷକ କରିବାକୁ ବିଭିନ୍ନ ବାଦ୍ୟ ଓ ନୃତ୍ୟ ଦଳକୁ ସାମିଲ କରାଯାଇଛି। ମେଢ଼ଗୁଡ଼ିକ ଥାନା ଛକରୁ ରାଜା ଛକ ଦେଇ ବଜାର ଛକରେ ପହଞ୍ଚିବା ପରେ ସେଠାରୁ ଜଳାଶୟ ଅଭିମୁଖେ ଯିବେ। ଏହି ଭସାଣି ଶୋଭାଯାତ୍ରା ଦେଖିବାକୁ ହଜାର ହଜାର ଲୋକଙ୍କ ସମାଗମ ହେବାକୁ ଥିବାରୁ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

## ମିନିଟ୍ରକ୍ ଆସୋସିଏଶନର ଧାରଣା

**ପାଲଲହଡା, ୧୮।୧୦ (ଡି.ଏନ.ଏ.):** ଅନୁଗୋଳ ଜିଲା ପାଲଲହଡା ତହସିଲଦାରଙ୍କ ମାତ୍ରାଧିକ ଜରିମାନା ଆଦାୟକୁ ବିରୋଧ କରି ପାଲଲହଡା ମିନିଟ୍ରକ୍ ଆସୋସିଏଶନ ପକ୍ଷରୁ ମଙ୍ଗଳବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି, ପାଲଲହଡା ଅଞ୍ଚଳରେ କୌଣସି ପଥର କୁଆଁରୀ କିମ୍ବା ବାଲି ଘାଟ ନିଲାମ କରାଯାଇ ନାହିଁ। ଫଳରେ ମିନି ଟ୍ରକ୍ ମାଲିକମାନେ ରୋଜଗାର ହରାଇଥିବାରୁ ଚାଳକଙ୍କୁ ଦରମା ଦେଇ ପାରୁନାହାନ୍ତି। କିନ୍ତୁ ଘର ନିର୍ମାଣ ପାଇଁ ଆବଶ୍ୟକ ମାଟି, ଗୋଡି, ରଫ୍ ବାଲି, ପଥର ଆଦି ଯୋଗାଡ଼ କରି ଆଣି ବିକ୍ରି କଲେ ରୟାଲଟି ନ ଥିବା ଦର୍ଶାଇ ତହସିଲଦାର ଟ୍ରିପ୍ ପିଛା ସର୍ବନିମ୍ନ ୨୫ ହଜାର ଟଙ୍କା ଜରିମାନା ଆଦାୟ କରୁଛନ୍ତି। ଏହାକୁ ବିରୋଧ କରି ମିନିଟ୍ରକ୍ ଆସୋସିଏଶନ ପକ୍ଷରୁ ଧାରଣା ଦିଆଯାଇଥିଲା। ଖୁବ୍‌ଶୀଘ୍ର ଲଘୁ ଖଣିଜ ସଇରାତ ଚିହ୍ନଟ ସହ ନିଲାମ କରାଯିବ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ତୁରନ୍ତ ସମସ୍ୟାର ସମାଧାନ କରା ନ ଗଲେ ଆନ୍ଦୋଳନ ତୀବ୍ର କରାଯିବ ବୋଲି ଆସୋସିଏଶନ ପକ୍ଷରୁ ଚେତାବନୀ ଦିଆଯାଇଛି।

## ରୋଗୀଙ୍କୁ ଆଣିଥିବା ଅଟୋ ଚାଳକଙ୍କ ମୃତ୍ୟୁ

**ଆଠମଲ୍ଲିକ, ୧୮।୧୦ (ଡି.ଏନ.ଏ.)**

ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡ ଚିକିତ୍ସାଳୟକୁ ସୋମବାର ରୋଗୀ ନେଇ ଯାଇଥିବା ଅଟୋ ଚାଳକ କୁଦଗାଁ ପଞ୍ଚାୟତ ବିଜିପୁର ଗ୍ରାମର ଆର୍ତ୍ତତ୍ରାଣ ମୁଣ୍ଡା (୨୫)ଙ୍କ ଡାକ୍ତରଖାନା ପରିସରରେ ମୃତ୍ୟୁ ହୋଇଯାଇଛି। ରାତିରେ ଏକ ବେଞ୍ଚ ଉପରେ ଶୋଇଥିବା ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି।

ପ୍ରକାଶ ଯେ, ସନ୍ଧ୍ୟାରେ ଆର୍ତ୍ତତ୍ରାଣ ଜଣେ ରୋଗୀଙ୍କୁ ନିଜ ଅଟୋରେ ଆଠମଲ୍ଲିକ ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚାଇଥିଲେ। ଏପରି କି ଚିକିତ୍ସା ବେଳେ ରୋଗୀଙ୍କୁ ସହଯୋଗ କରିବା ସହିତ ରାତିରେ ଖାଦ୍ୟ ଆଣି ଖୁଆଇଥିଲେ। ନିଜେ ମଧ୍ୟ ଖାଇଥିଲେ। ପରେ ଘରକୁ ନ ଫେରି ଆର୍ତ୍ତତ୍ରାଣ ଡାକ୍ତରଖାନା ବାରଣ୍ଡାରେ ଥିବା ଏକ ବେଞ୍ଚରେ ବିଶ୍ରାମ ନେଇଥିଲେ। କିନ୍ତୁ ମଙ୍ଗଳବାର ସକାଳେ ସେ ଆଉ ଉଠି ନ ଥିଲେ। ଖବରପାଇ ଏସ୍‌ଡିଏମ୍ ଓ ଡାକ୍ତର ସୁନୀଲ କୁମାର ପଣ୍ଡା ପହଞ୍ଚି ସ୍ୱାସ୍ଥ୍ୟ ପରୀକ୍ଷା କରି ଆର୍ତ୍ତତ୍ରାଣଙ୍କୁ ମୃତ ଘୋଷଣା କରିଥିଲେ। ଆଠମଲ୍ଲିକ ଥାନା ଆଇଆଇସି ନୀରୋଦ କୁମାର ଦାସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଥିଲେ। ଏ ନେଇ ଆଠମଲ୍ଲିକ ଥାନାରେ ନମ୍ବର ୮/୨୦୨୨ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଏହି ଘଟଣା ସହରରେ ମୁଖ୍ୟ ଚର୍ଚ୍ଚା ବିଷୟ ହୋଇଛି।

## ସଂକୀର୍ତ୍ତନ ବେଳେ ଟଳିପଡ଼ିଲେ ଯୁବକ

ଛେଣ୍ଡିପଦା, ୧୮।୧୦ (ନି.ପ୍ର.)- ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଶିମିଳିପାଳ ପଞ୍ଚାୟତ ଜୟପଙ୍ଗା ଗ୍ରାମରେ ସଂକୀର୍ତ୍ତନ କରୁଥିବା ବେଳେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଯାଇଛି। ମୃତ ଯୁବକ ଜଣକ ହେଲେ ଜୟପଙ୍ଗା ଗ୍ରାମର କାଳିଆ ପ୍ରଧାନ (୫୩)। ଘଟଣାରୁ ପ୍ରକାଶ, ସୋମବାର ଜୟପଙ୍ଗା ଗ୍ରାମ କୋଠଘରେ ସଂକୀର୍ତ୍ତନ ଚାଲିଥିଲା। କାଳିଆ ମୃଦଙ୍ଗ ବଜାଉଥିଲେ। ଏହି ସମୟରେ ହଠାତ କାଳିଆ ତଳେ ପଡ଼ି ଯାଇଥିଲେ। ଏହା ଦେଖି ସଂକୀର୍ତ୍ତନ କରୁଥିବା ଲୋକେ ଏବଂ ପରିବାରବର୍ଗ କଳିଆଙ୍କୁ ତୁରନ୍ତ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କଳିଆଙ୍କ ଏପରି ମୃତ୍ୟୁରେ ଜୟପଙ୍ଗା ଏବଂ ସପୋଇନାଳି ଗ୍ରାମରେ ଶୋକର ଛାୟା ଖେଳି ଯାଇଛି।

## କବାଡ଼ି ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ବଅଁରପାଳ, ୧୮।୧୦ (ଡି.ଏନ.ଏ.)**


ଉଦ୍‌ଘାଟନୀ ମ୍ୟାଚ ପୂର୍ବରୁ ଅତିଥିଙ୍କ ସହ ଖେଳାଳିମାନେ।

ବଅଁରପାଳ ବ୍ଲକ କୁଲାଡ଼ ଲକ୍ଷ୍ମୀ ପୂଜା ଅବସରରେ ତପନ ମେମୋରିଆଲ କବାଡି ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କୁଲାଡ଼ ସରପଞ୍ଚ ଊଷାରାଣୀ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ଟ୍ରକ୍ ମାଲିକ ସଂଘ ଉପସଭାପତି ରାଜୀବ ଜେନା, କୁଲାଡ଼ ଗ୍ରାମ କମିଟି ସଭାପତି ଅଶୋକ କୁମାର ବିଶୋଇ, ଉପସଭାପତି ପ୍ରଭାତ ବିଶୋଇ ପ୍ରମୁଖ ସମ୍ମାନିତ ଅତିଥି ଭବେ ଯୋଗ ଦେଇଥିଲେ। ଏଥିରେ ତାଳଚେର ଫିଜିକାଲ ଏକାଡେମୀ, ବିଜୁଗୋଳ, ବଅଁରପାଳ, କୁଲାଡ଼, ଥର୍ମାଲ, ମଙ୍ଗଳପୁର କବାଡି ଦଳ ଅଂଶଗ୍ରହଣ କରିଛନ୍ତି। ମଙ୍ଗଳବାର ଉଦ୍‌ଘାଟନୀ ମ୍ୟାଚ ତାଳଚେର ଫିଜିକାଲ ଏକାଡେମୀ ଓ ବିଜୁଗୋଳ ମଧ୍ୟରେ ଖେଳାଯାଇଥିଲା। ଏଥିରେ ବିଜୁଗୋଳ ୮ ପଏଣ୍ଟରେ ବିଜୟୀ ହୋଇଥିଲା। ଶରତ ଚନ୍ଦ୍ର ବିଶ୍ୱାଳ ଖେଳ ପରିଚାଳନା କରିଥିଲେ। ବିଜନ ଦଳବେହେରା, ବାମଦେବ ସେଠ, ନିରୋଦ ଧୀର, ପ୍ରଣବ ଜେନା, ବିଜୟ ସାମଲ, ସାଗରିକା ଅମାନ୍ତ, କଳ୍ପନା ସାମଲ ପ୍ରମୁଖ ସହଯୋଗ କରିଥିଲେ।

## ପ୍ରବଚନ କାର୍ଯ୍ୟକ୍ରମ



**କଣିହାଁ, ୧୮।୧୦ (ଡି.ଏନ.ଏ.):** ଅନୁଗୋଳ ଜିଲା କଣିହାଁ ବ୍ଲକ ବଡ଼ହୀରା ଗ୍ରାମ ନୂଆସାହି ପୂଜା କମିଟି ପକ୍ଷରୁ ଧୁମ୍‌ଧାମରେ ଲକ୍ଷ୍ମୀ ପୂଜା ପାଳନ କରାଯାଉଛି। ଦୀର୍ଘ ୧୨ ବର୍ଷ ହେଲା ଏହି ପୂଜା ହେଉଥିବା ବେଳେ ମଙ୍ଗଳବାର ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୁରୀ ଜିଲାର ଲକ୍ଷ୍ମୀଧର ଚାନ୍ଦ ଯୋଗଦେଇ ଜଗନ୍ନାଥ ସଂସ୍କୃତି ଓ ମା' ଲକ୍ଷ୍ମୀଙ୍କ ମହିମା ସମ୍ପର୍କରେ ପ୍ରବଚନ ଦେଇଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର ୫ ଶହରୁ ଅଧିକ ଶ୍ରଦ୍ଧାଳୁ ଯୋଗଦେଇ ପ୍ରବଚନ ଶ୍ରବଣ କରିଥିଲେ। ତ୍ରିଲୋଚନ, ମିଟୁ କୁମାର ସାହୁ, ବିଦ୍ୟାଧର ସାହୁ ଓ ପୂଜା କମିଟି ସଦସ୍ୟ ସହଯୋଗ କରିଥିଲେ।

## ମାସେ ପରେ ଷ୍ଟ୍ରିଟ୍‌ଲାଇଟ ଅଚଳ

**ବଇଣ୍ଡା, ୧୮।୧୦ (ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ବ୍ଲକର ବିଭିନ୍ନ ପଞ୍ଚାୟତରେ ଜିଲା ପ୍ରକଳ୍ପ ଉନ୍ନୟନ ପାଣ୍ଠିରୁ ଲାଗୁଥିବା ଷ୍ଟ୍ରିଟ ଲାଇଟଗୁଡିକ ନିମ୍ନମାନର ହୋଇଥିବା ସୋମବାର ବାଦିରିନାଳୀ ଗ୍ରାମବାସୀ ଅନୁଗୋଳ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଗ୍ରାମବାସୀ କହିଛନ୍ତି, ଜିଲା ପ୍ରକଳ୍ପ ଉନୟନ ପାଣ୍ଠିରୁ ଆମ୍ବପାଳ, ଠେଲକନାଳୀ ପଞ୍ଚାୟତରେ ଷ୍ଟ୍ରିଟ୍‌ଲାଇଟ୍ ଗୁଡ଼ିକ ଲଗାଯାଇଥିଲା। ହେଲେ ଜଳିବାର ଏକ ମାସ ପରେ ଗୋଟିଏ ପରେ ଗୋଟିଏ ଲାଇଟ୍ ଅଚଳ ହୋଇପଡୁଛି। ବାଦିରିନାଳୀ ଗ୍ରାମରେ ଲାଗିଥିବା ୧୦ଟି ଷ୍ଟ୍ରିଟ ଲାଇଟ ମଧ୍ୟରୁ ୩ଟି ଓ ଠେଲକନାଳୀ ପଞ୍ଚାୟତର ବୁଦୁଲିମୁଣ୍ଡା ଗ୍ରାମରେ ୧୦ଟି ଷ୍ଟ୍ରିଟ ଲାଇଟରୁ ୨ଟି ଅଚଳ ହୋଇପଡିଛି। ନିମ୍ନମାନର ଲାଇଟ୍ ଲଗାଯାଇଥିବା କାରଣରୁ ଏପରି ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବ୍ଲକ ପ୍ରଶାସନର କେତେଜଣ କର୍ମଚାରୀଙ୍କ ସହ ଉକ୍ତ ଠିକାସଂସ୍ଥାର କର୍ମଚାରୀମାନେ ସଲାସୁତରା ହୋଇ ନିମ୍ନମାନର ଲାଇଟ୍ ଲଗାଇଥିବା ଯୋଗୁ ନୂଆ ଷ୍ଟ୍ରିଟ୍ ଲାଇଟ୍ ମାସକ ମଧ୍ୟରେ ଖରାପ ହୋଇଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଲାଇଟ୍ ଅଚଳ ନେଇ ପଞ୍ଚାୟତ ପକ୍ଷରୁ ଉକ୍ତ ଠିକାସଂସ୍ଥାକୁ ବାରମ୍ବାର ଜଣାଯାଇଥିଲେ ମଧ୍ୟ ଅଧିକାରୀମାନେ ଦୃଷ୍ଟି ଦେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଆମ୍ବପାଳ ସରପଞ୍ଚ ସୁଲୋଚନା ବୀର ଓ ଠେଲକନାଳୀ ସରପଞ୍ଚ ଅମିତ କୁମାର ସାହୁ କହିଛନ୍ତି, ଷ୍ଟ୍ରିଟ ଲାଇଟଗୁଡିକ ମଧ୍ୟରୁ କେତୋଟି ୧ ମାସ ମଧ୍ୟରେ ଅଚଳ ହୋଇପଡ଼ିଲାଣି। ପଞ୍ଚାୟତ ପକ୍ଷରୁ ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଉକ୍ତ ଠିକାସଂସ୍ଥାକୁ ବାରମ୍ବାର ଅଭିଯୋଗ କରାଯାଇଛି। ହେଲେ କେହି ଶୁଣୁନାହାନ୍ତି କି ମରାମତି କାର୍ଯ୍ୟ ହେଉନାହିଁ। କିଶୋରନଗର ବିଡିଓ ବିନୋଦ ବିହାରୀ ବେହେରା କହିନ୍ତି, ଅଚଳ ଷ୍ଟ୍ରିଟ ଲାଇଟଗୁଡ଼ିକୁ ମରାମତି କରିବା ପାଇଁ ଠିକାସଂସ୍ଥାକୁ ଅବଗତ କରାଯିବ।

## ୧୦୪୪ ୟୁନିଟ୍ ରକ୍ତ ସଂଗ୍ରହ

**ଅନୁଗୋଳ ଅଫିସ, ୧୮।୧୦**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ପାଳନ ଅବସରରେ ଛେଣ୍ଡିପଦା ନିର୍ବାଚନମଣ୍ଡଳୀରେ ୩ ଦିନ ବ୍ୟାପୀ ବିଜୁ ଯୁବ ଜନତା ଦଳ ଓ ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୧୦୪୪ ୟୁନିଟ୍ ରକ୍ତ ସଂଗ୍ରହ କରଯାଇଛି। ମଙ୍ଗଳବାର ଶିବିରର ଶେଷ ଦିନରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ବେହେରା ଉପସ୍ଥିତ ରହି ସମସ୍ତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଘାଟକ ଭାବେ ଜିଲା ଯୁବ ବିଜେଡି ସଭାପତି ଦିନେଶ ପ୍ରଧାନ ଯୋଗଦାନ କରିଥିଲେ। ୩ୟ ଦିନରେ ଜରପଡା ଉଚ୍ଚ ବିଦ୍ୟାଳୟଠାରେ ଏହି ଶିବିର ଆୟୋଜିତ ହୋଇଥିଲା। ଏଥିରେ ୨୪୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ପ୍ରଥମ ଦିନରେ ୬୧୫ ୟୁନିଟ୍ ଓ ଦ୍ୱିତୀୟ ଦିନରେ ୧୮୭ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଯୁବ ବିଜେଡି ଜିଲା ଉପସଭାପତି ସତ୍ୟବ୍ରତ ଦେହୁରୀ, ଛେଣ୍ଡିପଦା ବ୍ଲକ ବିଜେଡି ସଭାପତି ଆଶିଷ କୁମାର ପ୍ରଧାନ, ବ୍ଲକ କାର୍ଯ୍ୟକାରୀ ସଭାପତି ଅନିଲ କୁମାର ପ୍ରଧାନ, ନିର୍ବାଚନମଣ୍ଡଳୀ ଛାତ୍ର ବିଜେଡି ସଭାପତି ରଞ୍ଜନ ସାହୁ, ଛେଣ୍ଡିପଦା ବ୍ଲକ ଛାତ୍ର ବିଜେଡି ସଭାପତି ବିଷ୍ଣୁ ଚରଣ ବେହେରା ଓ ବିଜୁ ଯୁବ ଜନତା ଦଳର କର୍ମକର୍ତ୍ତାମାନେ ଶିବିର ପରିଚାଳନା କରିଥିଲେ।


ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

## ବାରହା ମାଂସ ଜବତ, ୪ ଗିରଫ

**ଛେଣ୍ଡିପଦା,୧୮।୧୦(ସ୍ୱ.ପ୍ର.)**

ଛେଣ୍ଡିପଦା ବନାଞ୍ଚଳ ଚାଉଁରିଆପାଳ ଗ୍ରାମରେ ବନବିଭାଗ ଚଢ଼ାଉ କରି ବାର୍‌ହା ମାଂସ ଜବତ କରିବା ସହ ୪ ଜଣ ଶିକାରୀଙ୍କୁ ଗିରଫ କରିଛି। ଘଟଣାରୁ ପ୍ରକାଶ, ଛେଣ୍ଡିପଦା ବନାଞ୍ଚଳର ଶିମିଳିପାଳ ଜଙ୍ଗଲରେ ଜନ୍ତୁ ଶିକାର ବୃଦ୍ଧି ପାଉଥିବାରୁ ବନବିଭାଗ ଉକ୍ତ ଅଞ୍ଚଳରେ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଥିଲା। ବିଶ୍ୱସ୍ତସୂତ୍ରରୁ ଖବରପାଇ ମଙ୍ଗଳବାର ଭୋର ୬ଟା ବେଳେ ଚାଉଁରିଆପାଳ ଗ୍ରାମରେ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ୪ଜଣ ବନ୍ୟଜନ୍ତୁ ଶିକାରୀଙ୍କୁ କାବୁ କରାଯାଇ ୧୦ କିଲୋ ବାର୍‌ହା ମାଂସ, ବିଦ୍ୟୁତ୍ ତାର, ପନିକି ଓ ଶିକାର ପାଇଁ ବ୍ୟବହୃତ ସାମଗ୍ରୀ ଜବତ କରାଯାଇଥିଲା। ବାର୍‌ହା ଶିକାର ଅଭିଯୋଗରେ ବନବିଭାଗ ଘଡ ଗ୍ରାମର ମୁନା ପେଣ୍ଟେଇ, କୁନା ପେଣ୍ଟେଇ, ବୀରବର ନାୟକ ଓ ଚାଉଁରୀଆପାଳ ଗ୍ରାମର ସୁଶାନ୍ତ ମାଝିଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ବୃଦ୍ଧ ମୃତ

**କାମାକ୍ଷାନଗର, ୧୮।୧୦(ଡି.ଏନ୍.ଏ.):** କାମାକ୍ଷାନଗର ଥାନା ବଡସୁଆଁଲୋ ପଞ୍ଚାୟତ ଅରାଚୁଆ ଗ୍ରାମର ଭ୍ରମର ବିଶ୍ୱାଳ (୭୩) ନାମକ ଜଣେ ବୃଦ୍ଧଙ୍କ ମଙ୍ଗଳବାର ମଧ୍ୟାହ୍ନରେ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ସେ ବିଲରୁ କାଟି ଆଣିଥିବା ଘାସବିଡ଼ା ପୋଖରୀ ତୁଠରେ ରଖି ଗାଧୋଉଥିବା ବେଳେ ଗୋଡ଼ ଖସିଯିବାରୁ ବୁଡ଼ିଯାଇଥିଲେ। ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ପୋଖରୀ ହୁଡ଼ାରେ ଘାସବିଡ଼ା ଥିବା ଦେଖି ବୁଡ଼ିଯାଇଥିବା ସନ୍ଦେହ କରି ଦମକଳ କେନ୍ଦ୍ରକୁ ସୂଚନା ଦେଇଥିଲେ। ଅଗ୍ନିଶମ ବାହିନୀ କର୍ମଚାରୀ ତାଙ୍କୁ ପୋଖରୀରୁ ଉଦ୍ଧାର କରି କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ରୋଗଣା କହି ବୋହୂଙ୍କୁ ଘରୁ ତଡ଼ିଦେଲେ

**ଢେଙ୍କାନାଳ ଅଫିସ, ୧୮।୧୦:** ରୋଗଣା ବୋଲି କହି ବୋହୂଙ୍କୁ ଘରୁ ତଡ଼ିଦେଲେ ଶାଶୁଘର ଲୋକେ। ଢେଙ୍କାନାଳ ସହର ଜୁବିଲି ଟାଉନ ଅରବିନ୍ଦ ମାର୍ଗ ଅଞ୍ଚଳରେ ମଙ୍ଗଳବାର ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ପୀଡ଼ିତା ଦିନତମାମ ଭୋକ ଉପାସରେ ବ୍ୟାଗ୍ ଧରି ବାରଣ୍ଡାରେ ବସି ରହିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ସୂଚନା ପାଇ ମହିଳାଙ୍କ ବାପଘର ଲୋକେ ଏବଂ ଟାଉନ ଥାନା ପୋଲିସ ପହଞ୍ଚିଥିଲେ। ବୁଧବାର ଭସାଣି ଥିବାରୁ ଗୁରୁବାର ଘଟଣାର ତଦନ୍ତ କରାଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେଇ ମହିଳାଙ୍କୁ ତାଙ୍କ ଘରଲୋକଙ୍କ ସହ ପଠାଇ ଦେଇଛି। ମହିଳାଙ୍କ ଘର କାମାକ୍ଷାନଗର ଥାନା ଜିରିଡ଼ାମାଳି ଅଞ୍ଚଳରେ। ତାଙ୍କ ଶ୍ୱଶୁର ଜଣେ ଅବସରପ୍ରାପ୍ତ କର୍ମଚାରୀ ହୋଇଥିବା ବେଳେ ସ୍ୱାମୀ ବିଦ୍ୟୁତ୍ ବିଭାଗରେ ଚାକିରି କରୁଛନ୍ତି। ପାଖାପାଖି ଦେଢ଼ବର୍ଷ ତଳେ ତାଙ୍କର ବିବାହ ହୋଇଥିଲା। ଶରୀର ଅସୁସ୍ଥ ହେଉଥିବାରୁ ଟଙ୍କା ଖର୍ଚ୍ଚ ହେଉଥିବା କହି ଶାଶୁଘରେ ନିର୍ଯାତନା ଦିଆଯାଉଥିବାରୁ ସେ ବାପ ଘରକୁ ପଳାଇଥିଲେ। ମଙ୍ଗଳବାର ଫେରିବା ପରେ ଶାଶୁ ଓ ଶ୍ୱଶୁର ତାଙ୍କୁ ମାଡ଼ ମାରି ଘରୁ ତଡ଼ିଦେଇଥିଲେ। ମୋବାଇଲ ମଧ ଛଡ଼ାଇ ନେଇଥିବା ସେ କହିଛନ୍ତି।

# ପଲ୍ଲିଶ୍ରୀ ମେଳାରେ ୧.୮୯ କୋଟି ବ୍ୟବସାୟ


ଉଦ୍‌ଯାପନୀ ସମାରୋହରେ ଅତିଥିଙ୍କ ସମେତ ଅନ୍ୟମାନେ।

## ୨୦୧୯ ଅପେକ୍ଷା କାରବାର ହ୍ରାସ

**ଢେଙ୍କାନାଳ ଅଫିସ, ୧୮।୧୦**

ଢେଙ୍କାନାଳ ଲକ୍ଷ୍ମୀପୂଜା ଅବସରରେ ମହିଷାପାଟ ପଡ଼ିଆରେ ଗତ ୧୦ ତାରିଖରୁ ଆରମ୍ଭ ହୋଇଥିବା ପଲ୍ଲିଶ୍ରୀ ମେଳା-୨୦୨୨ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଚଳିତବର୍ଷ ମୋଟ ୧ କୋଟି ୮୯ଲକ୍ଷ ୬୬ ହଜାର ୮୨୦ଟଙ୍କାର ବ୍ୟବସାୟ ହୋଇଛି। ତେବେ ଏହା ୨୦୧୯ ଏବଂ ଏହାର ପୂର୍ବବର୍ଷ ତୁଳନାରେ କମ୍ ବୋଲି ଜଣାପଡ଼ିଛି।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୁଧୀର ସାମଲ ଯୋଗଦେଇ କହିଲେ, ଢେଙ୍କାନାଳର ମାଟି ବୀର ପ୍ରସବିନୀ। ପ୍ରସିଦ୍ଧ ଲକ୍ଷ୍ମୀପୂଜାରେ ଆୟୋଜିତ ପଲ୍ଲିଶ୍ରୀ ମେଳାରେ ଗ୍ରାମୀଣ ମହିଳାଙ୍କ ହାତ ତିଆରି ସାମଗ୍ରୀ ପ୍ରଦର୍ଶନ ଓ ବିକ୍ରି ବଢ଼ିଛି। ଏହି ସୁଯୋଗ ଏସ୍‌ଏଚ୍‌ଜିକୁ ସଶକ୍ତ କରାଇପାରିଛି। ଉତ୍ସବରେ ଅଧ୍ୟକ୍ଷତା କରି ଜିଲାପାଳ ସରୋଜ ସେଠୀ କହିଲେ, ଢେଙ୍କାନାଳର ଶାଢ଼ିକୁ ପ୍ରସିଦ୍ଧି ମିଳିଛି, ଯାହା ପାଇଁ ଜିଲା ଆଉ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ଯାଉଛି ବୋଲି ସେ କହିଥିଲେ।

ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷା ବିଳାସିନୀ ସେଠୀ, ଶାନ୍ତି କମିଟି ସଭାପତି ସୁଧାଂଶୁ ଦଳେଇ, ଏମ୍‌ଜିଏନ୍‌ଆରଇଜିଏସ୍ ଆମ୍ବୁଡ୍ସମ୍ୟାନ ଅମରେନ୍ଦ୍ର ମଲ୍ଲ, ସଦର ବିଡିଓ ସୁଧୀର ନାୟକ, ଗଁଦିଆ ବିଡିଓ ଆଶିଷ ସାହୁ, ଜିଲା ସଂସ୍କୃତି ଅଧିକାରୀ ପ୍ରିୟମ୍ବଦା ବେହେରା, ଓର୍‌ମାସର ଉପ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୌରଭମୟ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଓଲିଉଡ୍ ଅଭିନେତ୍ରୀ ପ୍ରିୟା ଚୌଧୁରୀଙ୍କ ନୃତ୍ୟ ଉଦ୍‌ଯାପନୀ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ସାଜିଥିଲା। ଜିଲା କଳା ସଂସ୍କୃତି ସଂଘ ଉପସଭାପତି ଅବନୀ କୁମାର ମିଶ୍ର ମଞ୍ଚ ପରିଚାଳନା କରିଥିବାବେଳେ ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତନ୍ମୟ କୁମାର ଦରୱାନ ଧନ୍ୟବାଦ ଦେଇଥିଲେ।

ସୂଚନାଯୋଗ୍ୟ, ପଲ୍ଲିଶ୍ରୀ ମେଳାରେ ୩୦୦ ଷ୍ଟଲ୍ ପଡ଼ିଥିବାବେଳେ ଓଡ଼ିଶା ସମେତ ଦେଶର ୯ ରାଜ୍ୟର ଏସ୍‌ଏଚ୍‌ଜି ଏଥିରେ ସାମିଲ ହୋଇଥିଲେ। ରାଜ୍ୟ ସରକାରଙ୍କ ଉଦ୍ୟାନ କୃଷି, ମତ୍ସ୍ୟ, ପଶୁପାଳନ, ସ୍ୱାସ୍ଥ୍ୟ, ଗ୍ରାମୀଣ ସ୍ୱନିଯୁକ୍ତି ସଂସ୍ଥା, ସ୍ୱଚ୍ଛ ଭାରତ ମିଶନ, ପୌରପାଳିକା, ମିଶନ ଶକ୍ତି, ବ୍ୟାଙ୍କ, ପୋଲିସ ଓ ଅଗ୍ନିଶମ ବିଭାଗ ପକ୍ଷରୁ ସଚେତନଧର୍ମୀ ଷ୍ଟଲ୍ ଖୋଲାଯାଇଥିଲା। ଖାଦ୍ୟଷ୍ଟଲ୍‌ରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଦୈନିକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ତେବେ ଦୁଇଦିନ ଧରି ଅସମ୍ଭାଳ ଭିଡ଼ ଏବଂ ଘଣ୍ଟା ଘଣ୍ଟା ଟ୍ରାଫିକ୍‌ଜାମ୍ ଯୋଗୁ ଲୋକେ ମେଳାରେ ସାମିଲ ହେବା ସୁଯୋଗରୁ ବଞ୍ଚିତ ହୋଇଥିବା ଜଣାପଡ଼ିଛି।

# ଆସନ୍ତା ବର୍ଷ ହିନ୍ଦୋଳ ଏନ୍‌ଏସି ନିର୍ବାଚନ

- ୱାର୍ଡ ସଂରକ୍ଷଣ ତାଲିକା ପ୍ରକାଶ
- ଉଷ୍ମ ହେଲା ସହର ରାଜନୀତି

**ହିନ୍ଦୋଳ, ୧୮।୧୦(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ହିନ୍ଦୋଳ ଏନ୍‌ଏସିର ୫ବର୍ଷ କାର୍ଯ୍ୟକାଳ ୨୦୨୩ ଫେବୃୟାରୀରେ ଶେଷ ହେଉଛି। ବିଧିବଦ୍ଧ ଭାବେ ତାରିଖ ଘୋଷଣା ହୋଇ ନ ଥିଲେ ମଧ୍ୟ ଆଗାମୀ ବର୍ଷ ନିର୍ବାଚନ ହେବ। ଏଥିପୂର୍ବରୁ ସୋମବାର ୱାର୍ଡ ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। ଜିଲାପାଳଙ୍କ ପତ୍ର ସଂଖ୍ୟା ୬୮୬/୨୦୨୨ଅନୁଯାୟୀ ଏହି ଡ୍ରାଫ୍ଟ ନୋଟିଫିକେଶନ ହୋଇଛି। ନୂତନ ନିୟମ ଅନୁଯାୟୀ ଅଧ୍ୟକ୍ଷ ପଦବୀ ଲାଗି ସିଧାସଳଖ ନିର୍ବାଚନ ହେବାକୁ ଥିବାବେଳେ ଏହାକୁ ନେଇ ସହରର ରାଜନୈତିକ ବାତାବରଣରେ ଉଷ୍ମତା ପ୍ରକାଶ ପାଇଛି।

ପ୍ରକାଶିତ ସଂରକ୍ଷଣ ତାଲିକା ଅନୁଯାୟୀ ୱାର୍ଡ ନଂ. ୧ (ରାଧାନାଥପୁର) ଏବଂ ୱାର୍ଡ ନଂ. ୧୦ (ନୂତନ ପାଟଣା-୧) ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷିତ ରହିଛି। ୱାର୍ଡ ନଂ. ୪ (ନୂଆପାଣି ସାହି), ୱାର୍ଡ ନଂ. ୭ (ଗୋପାଳପୁର), ୱାର୍ଡ ନଂ. ୧୩ (ରାଜମୋହନପୁର) ଅନୁସୂଚିତ ଜାତି ମହିଳାଙ୍କ ନିମନ୍ତେ ସଂରକ୍ଷଣ ରଖାଯାଇଛି। ୱାର୍ଡ ନଂ. ୯ (ରୁପାଲି) ଅନୁସୂଚିତ ଜନଜାତି, ୱାର୍ଡ ନଂ. ୧୧ (ନୂତନ ପାଟଣା-୨), ୱାର୍ଡ ନଂ. ୧୪ (ତଣ୍ଟିଚିରା) ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିବାବେଳେ ୱାର୍ଡ ନଂ. ୨ (ପଠାଣିପୋତା), ୱାର୍ଡ ନଂ. ୫ (ଧୁଣ୍ଡିନାଳି), ୱାର୍ଡ ନଂ. ୮ (ପାଟଣା), ୱାର୍ଡ ନଂ. ୧୨ (କାନ୍ଦରାଶୁଣି), ୱାର୍ଡ ନଂ.୧୬ (ଖରମୂଳ) ଅସଂରକ୍ଷିତ ରହିଛି। ସେହିପରି ୱାର୍ଡ ନଂ .୩ (ଅମଲାପଡା), ୱାର୍ଡ ନଂ. ୬ (ସରଧାପୁର), ୱାର୍ଡ ନଂ. ୧୫ (ଆଲୁସିଂହ) କେବଳ ମହିଳାଙ୍କ ନିମନ୍ତେ ସଂରକ୍ଷିତ ରଖାଯାଇଛି। ଉକ୍ତ ସଂରକ୍ଷଣ ତାଲିକା ଉପରେ କୌଣସି ଆପତ୍ତି ଅଭିଯୋଗ ଥିଲେ ୧୦ ଦିନ ମଧ୍ୟରେ ଜଣାଇବାକୁ କୁହାଯାଇଛି।

ସୂଚନାଯୋଗ୍ୟ, ୨୦୧୨ରେ ହିନ୍ଦୋଳକୁ ଏନଏସି ମାନ୍ୟତା ମିଳିଥିଲା। ୧୬ ୱାର୍ଡବିଶିଷ୍ଟ ଏନ୍‌ଏସିରେ ୨୦୧୧ ଜନଗଣନା ଅନୁଯାୟୀ ମୋଟ ଭୋଟର ସଂଖ୍ୟା ୧୭ ହଜାର ୩୮୭। ସେଥିରୁ ୯,୩୫୨ ପୁରୁଷ ଏବଂ ୮,୦୩୫ ମହିଳା। ୱାର୍ଡ ସଂରକ୍ଷଣ ତାଲିକା ପ୍ରକାଶ ପାଇବା ପରେ ପ୍ରମୁଖ ରାଜନୈତିକ ଦଳର ଶିବିର ଚଳଚଞ୍ଚଳ ହୋଇଉଠିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

dklselfie@gmail.com


@ ରାଜେନ୍ଦ୍ର


@ ବିକାଶ


@ ରମ୍ୟରଞ୍ଜନ


@ ତମସା

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କଳାବ୍ୟାଜ୍ ପିନ୍ଧି ଆଇନଜୀବୀଙ୍କ ଧାରଣା

## ମରଣାନ୍ତକ ଆକ୍ରମଣର ପ୍ରତିବାଦ

**କାମାକ୍ଷାନଗର, ୧୮।୧୦(ଡି.ଏନ୍.ଏ.)**



ଆଇନଜୀବୀମାନେ ଧାରଣାରେ ବସିଛନ୍ତି।

ଆଇନଜୀବୀ ଶଶଧର ମହାନ୍ତିଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ମାମଲାରେ ଆନ୍ଦୋଳନକୁ ତୀବ୍ରତର କରିଛି କାମାକ୍ଷାନଗର ଓକିଲ ସଂଘ। ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୋଲିସ ବିଫଳ ହୋଇଥିବା ପ୍ରତିବାଦରେ ସଂଘ ସଦସ୍ୟ କୋର୍ଟ ବର୍ଜନ କରି ମଙ୍ଗଳବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ କଳାବ୍ୟାଜ୍ ପିନ୍ଧି ଧାରଣା ଦେଇଥିଲେ।

ସୂଚନାଯୋଗ୍ୟ, ଗତମାସ ୨୮ ତାରିଖରେ ଏକ ରେଷ୍ଟୁରାଣ୍ଟରେ ଆଇନଜୀବୀ ଶଶଧରଙ୍କୁ କେତେଜଣ ଅସାମାଜିକ ଯୁବକ ମରଣାନ୍ତକ ଆକ୍ରମଣ କରିଥିଲେ। ସଙ୍କଟାପନ୍ନ ଅବସ୍ଥାରେ କଟକର ଏକ ଘରୋଇ ହସ୍ପିଟାଲରେ ସେ ଚିକିତ୍ସାଧୀନ ଅଛନ୍ତି। ଏହାର ପ୍ରତିବାଦରେ ଗତ ୧୩ ତାରିଖରେ ସଂଘ ପକ୍ଷରୁ ୧୨ ଘଣ୍ଟିଆ କାମାକ୍ଷାନଗର ବନ୍ଦ ପାଳନ କରାଯାଇଥିଲା। ୧୪ ତାରିଖରେ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ୩ଦିନ ମଧ୍ୟରେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପୋଲିସକୁ ମହଲତ ଦିଆଯାଇଥିଲା। ତେବେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଫଳ ହୋଇଛି। ତେଣୁ ସଂଘ ପକ୍ଷରୁ ପୁନର୍ବାର ଧାରଣା ଆରମ୍ଭ ହୋଇଛି। ଦୋଷୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ପ୍ରଶାସନକୁ ଅଚଳ କରି ଦିଆଯିବ ବୋଲି ସଂଘ ସଭାପତି ଧର୍ମାନନ୍ଦ ମଲ୍ଲିକ ଚେତାବନୀ ଦେଇଛନ୍ତି।

ଅନ୍ୟପଟେ ଧାରଣାସ୍ଥଳକୁ ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ଏସ୍‌ଡିପିଓ ରଞ୍ଜନ କୁମାର ଦେ ପହଞ୍ଚି ବୁଝାଶୁଝା କରିବା ପରେ ଆନ୍ଦୋଳନ ସାମୟିକ ଭାବେ ପ୍ରତ୍ୟାହୃତ ହୋଇଛି। ଏସ୍‌ଡିପିଓ କହିଛନ୍ତି, ଏହି ଘଟଣାରେ ୨ଜଣ ଗିରଫ ହୋଇଛନ୍ତି। ତଦନ୍ତ ଚାଲିଥିବାରୁ ସେମାନଙ୍କ ନାମ ଗୋପନ ରଖାଯାଇଛି।

# ସନ୍ଥକବିଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

## ନିଶା ନିବାରଣ ଅଭିଯାନ, ପ୍ରେରଣାମୟୀ ଦିବସ

**ଛେଣ୍ଡିପଦା, ୧୮।୧୦(ସ୍ୱ.ପ୍ର.)**



ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ୍ ବ୍ରାହ୍ମଣବିଲ ପଞ୍ଚାୟତ ଭାଗିଲାକଟା ଗ୍ରାମ ସେବାଶ୍ରମ ବିଦ୍ୟାଳୟରେ ନିଶା ନିବାରଣ ଅଭିଯାନ ଓ ପ୍ରେରଣାମୟୀ ଦିବସ ପାଳିତ ହୋଇଯାଇଛି। କୋଶଳାସ୍ଥିତ ମାନସ ସ୍ମୃତି ପାଠାଗାର, ଭାଗିଲାକଟା ନେତାଜୀ କ୍ଲବ ଏବଂ ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସନ୍ଥକବି ଭୀମ ଭୋଇଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ।

ଭାଗିଲାକଟା ଗ୍ରାମ ସଭାପତି ସୁବାସ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅତିଥି ଭାବେ ଅନୁଗୋଳ ଉତ୍କଳ ସମ୍ମିଳନୀ ଶାଖା ସଭାପତି ବିଶ୍ୱରଞ୍ଜନ ପ୍ରଧାନ, ସମ୍ପାଦକ ଇଂ. ଧନେଶ୍ୱର ସାହୁ, କୋଶଳା ଗ୍ରାମ ସଭାପତି ବ୍ରଜବନ୍ଧୁ ସାହୁ, ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ, ପାଠାଗାର ସମ୍ପାଦକ ବାମଦେବ ସାହୁ, ଚାଷୀ ନେତା ନରହରି ପ୍ରଧାନ, ବ୍ରାହ୍ମଣବିଲ ସରପଞ୍ଚ ଲକ୍ଷ୍ମୀପ୍ରିୟା ଧଳ, ସମିତିସଭ୍ୟା ମିନତି ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବରାଜ ଦେହୁରୀ, କବୟିତ୍ରୀ ଲିପିକା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମହିମା ଧର୍ମାବଲମ୍ବୀଙ୍କ ଗାଁ ଭାଗିଲାକଟାର ୯୫% ଲୋକେ ନିଶାଠାରୁ ଦୂରରେ। ସମସ୍ତେ ଭୀମ ଭୋଇଙ୍କୁ ଜୀବନରେ ଆଦର୍ଶ ଭାବେ ଗ୍ରହଣ କରିବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ 'ଆମ କର୍ମମୟ ଜୀବନର ବୈପ୍ଳବିକ ଚେତନାରେ ସନ୍ଥକବି ଭୀମ ଭୋଇ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିସହ ନିଶା ନିବାରଣ ଶପଥ ପାଠ କରାଯାଇଥିଲା। ଆଖପାଖ ଗ୍ରାମରେ ନିଶା ନିବାରଣ ସଚେତନତା ସୃଷ୍ଟି କରିବା ପାଇଁ କର୍ମକର୍ତ୍ତା ଚୟନ କରାଯାଇଥିଲା। ଭାଗିଲାକଟା ଗ୍ରାମ ସଭାପତି, ସମ୍ପାଦକଙ୍କ ସମେତ ଉପଦେଷ୍ଟା କମିଟି ମୁଖ୍ୟ ସଚେତକ ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଇନ୍ଦ୍ରମଣି ସାହୁଙ୍କୁ ଚୟନ କରାଯାଇଥିଲା।

ଅବସରପ୍ରାପ୍ତ ପୋଲିସ ଅଧିକାରୀ ଦିବାକର ସାହୁ, ଗ୍ରାମ ସମ୍ପାଦକ ଟିକନ ପ୍ରଧାନ, ହରମୋହନ ଗଡ଼ତିଆ, ପ୍ରକାଶ ସାହୁ, ଗୋକୁଳାନନ୍ଦ ପ୍ରଧାନ, ସାରଥି ସାହୁ, ଜିତେନ୍ଦ୍ର ପ୍ରଧାନ, ଭ୍ରମରବର ପ୍ରଧାନ, ଅବଧୂତ ପ୍ରଧାନ, ସପ୍ତେଶ୍ୱର ପ୍ରଧାନ, ସତ୍ୟବାଦୀ ପ୍ରଧାନ, ରମେଶ ସାହୁ, ସିଲୁ ସାହୁ, ବିଦ୍ୟୁଲତା ପ୍ରଧାନ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ଇନରହ୍ୱିଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର




**ଢେଙ୍କାନାଳ ଅଫିସ, ୧୮।୧୦**

ଢେଙ୍କାନାଳ ସଦର ବ୍ଲକ ବଳଭଦ୍ରପୁର ଶାସନସ୍ଥିତ ଭାନିରାମ ସରକାରୀ ଉଚ୍ଚ ବିଦ୍ୟାଳୟରେ ଇନରହ୍ୱିଲ କ୍ଲବ ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ବଳଭଦ୍ରପୁର ଶାନ୍ତି କମିଟି ଏବଂ ଜଗନ୍ନାଥ ହସ୍ପିଟାଲ ସହାୟତାରେ ଏହାର ଆୟୋଜନ କରାଯାଇଥିଲା। ବେବର୍ତ୍ତାକାଟେଣୀ, ହଳଦୀବାରି, ସାଙ୍କୁଲେଇ, ବଳଭଦ୍ରପୁର ନୂଆସାହି, ପୁରୁଣାସାହି ଗ୍ରାମର ୧୩୦ ଜଣ ଆର୍ଥିକ ଅନଗ୍ରସର ଲୋକେ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ସେମାନଙ୍କୁ ଔଷଧ ବଣ୍ଟନ କରାଯାଇଥିଲା। ପରିଷ୍କାର, ପରିଚ୍ଛନ୍ନ ରହିବାକୁ ବିଶେଷଜ୍ଞମାନେ ସଚେତନ କରାଇଥିଲେ।

ଇନରହ୍ୱିଲ କ୍ଲବ ସଭାନେତ୍ରୀ ଅର୍ଚ୍ଚନା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସମ୍ପାଦକ ଈଶ୍ୱରୀ ଝାୱାର, ବରିଷ୍ଠ ସଦସ୍ୟା ସରିତା ଅଗ୍ରୱାଲ, ପ୍ରୋତିମା ସିହ୍ନା, ତୃପ୍ତି ନନ୍ଦ, ଶ୍ରଦ୍ଧା ଅଗ୍ରୱାଲ, ଅପର୍ଣ୍ଣା ରଥ, ଦୀପ୍ତିମୟୀ ଲେଙ୍କା, ଗାୟତ୍ରୀ ହିଣ୍ଡୋଚା, ରତିକା ଅନୁଭୂତି, ସସ୍ମିତା ଆଚାର୍ଯ୍ୟ, ଗୀତାଞ୍ଜଳି ଭଟ୍ଟ, ଆଇ. ରୁପାରାଣୀ ଶିବିର ପରିଚାଳନା କରିଥିଲେ। ବଳଭଦ୍ରପୁର ଶାସନର ବିଶିଷ୍ଟ ବ୍ୟକ୍ତି ନୃସିଂହ ଚରଣ ମହାପାତ୍ର ସହାୟତା କରିଥିଲେ।

# ବାଳିକାରେ କାମାକ୍ଷାନଗର, ବାଳକରେ କଙ୍କଡ଼ାହାଡ଼ ଚାମ୍ପିୟନ

## ଜିଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ ଫୁଟ୍‌ବଲ ଉଦ୍‌ଯାପିତ

**ଢେଙ୍କାନାଳ ଅଫିସ, ୧୮।୧୦**

ଢେଙ୍କାନାଳ ଷ୍ଟାଡିୟମ୍‌ରେ ଚାଲିଥିବା ଜିଲାସ୍ତରୀୟ ଆନ୍ତଃବିଦ୍ୟାଳୟ ଫୁଟବଲ୍ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ବାଳିକା ବିଭାଗରେ କାମାକ୍ଷାନଗର ୨-୦ ଗୋଲ୍‌ରେ କଙ୍କଡ଼ାହାଡ଼କୁ ଏବଂ ବାଳକ ବିଭାଗରେ କଙ୍କଡ଼ାହାଡ଼ ବ୍ଲକ ୧-୦ ଗୋଲ୍‌ରେ କାମାକ୍ଷାନଗରକୁ ହରାଇ ଚାମ୍ପିୟନ ହୋଇଛି। କ୍ରୀଡ଼ା ଶିକ୍ଷକ ଅନିଲ ନନ୍ଦ, ସାଗର ରାଉତ, ଅଶୋକ ସ୍ୱାଇଁ, ସୁବ୍ରତ ମିଶ୍ର, ସୁଶୀଲ ପଣ୍ଡା, ଦୁଷ୍ମନ୍ତ ସେଠୀ, ସୁନୀଲ ପଟ୍ଟନାୟକ, ରାମକୃଷ୍ଣ ବେହେରା, ଉମେଶ ଦାସ, ଲକ୍ଷ୍ମଣ ନାୟକ, ପ୍ରଭାସ ମହାନ୍ତି, ପରମାନନ୍ଦ ସୁବୁଦ୍ଧି, ଦୁଲାରାମ ମୁର୍ମୁ, ନରେନ୍ଦ୍ର ଗୋଛାୟତ, ସୁଶାନ୍ତ ନାଥ, ବାନାର୍ଜୀ ମହାନ୍ତି ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ସମ୍ମାନିତ ଅତିଥି ଏସ୍‌ପି ଲୋଗାନୟାଗୀ ଦିବ୍ୟା ଭି, ଜିଲା ଶିକ୍ଷାଧିକାରୀ ନିବେଦିତା ପାଣି, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସସ୍ମିତା ସାହୁ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ମୁଖ୍ୟ ମିଡିଆ ପ୍ରଭାରୀ ଡ. ଦେବୀ ପ୍ରସାଦ ମିଶ୍ର ଉପସ୍ଥିତ ଥିଲେ। ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଜ୍ୟୋତିପ୍ରକାଶ ପରିଡ଼ା, ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ ଦାସ, କ୍ରୀଡ଼ା ଶିକ୍ଷକ ବିପିନ ବିହାରୀ ସାହୁ ପରିଚାଳନାରେ ସହଯୋଗ କରିଥିଲେ।


ବାଳକରେ ଚାମ୍ପିୟନ କଙ୍କଡ଼ାହାଡ଼ ବ୍ଲକ୍।


ବାଳିକାରେ ଚାମ୍ପିୟନ କାମାକ୍ଷାନଗର ବ୍ଲକ୍।

